## ଅବ୍ୟବସ୍ଥାରେ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ପ୍ରତିଶ୍ରୁତି ଦେଇ ଭୁଲିଗଲେ ସ୍ୱାସ୍ଥ୍ୟମନ୍ତ୍ରୀ

କଣ୍ଟାମାଳ,୨୨।୪(ସମିସ)

ସରକାର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କରୁଛନ୍ତି। ଏଥିଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ବୌଦ୍ଧ ଜିଲ୍ଲାରେ ବିଭାଗୀୟ ଅଧିକାରୀଙ୍କ ଉଦାସୀନ ମନୋଭାବ ଯୋଗୁଁ କଣ୍ଟାମାଳ ବ୍ଲକ୍‌ର ମନମୁଣ୍ଡା ଓ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଶେଷଜ୍ଞ ଡାକ୍ତର ଶୂନ୍ୟ ହୋଇପଡିଛି। ଜିଲ୍ଲାର ଉପାନ୍ତ କଣ୍ଟାମାଳ ବ୍ଲକ ସଦର ମହକୁମାରେ ଥିବା ଡାକ୍ତରଖାନା ଉପରେ ପଡୋଶୀ କନ୍ଧମାଳ ଜିଲ୍ଲାର ୪ ଟି ପଞ୍ଚାୟତ, ବାଲନ୍ଦାପଡା

### ବିଶେଷଜ୍ଞ ଡାକ୍ତର ପଦ ପୂରଣ ପାଇଁ ଦାବି

ଅଞ୍ଚଳର ପ୍ରାୟ ୩ଟି ପଞ୍ଚାୟତ ଓ କଣ୍ଟାମାଳ ବ୍ଲକର ୧୭ ଟି ପଞ୍ଚାୟତର ପ୍ରାୟ ୧ ଲକ୍ଷ ଲୋକ ନିର୍ଭର କରିଥାନ୍ତି; କିନ୍ତୁ ଏହି ଡାକ୍ତରଖାନାରେ ଆଜି ପର୍ଯ୍ୟନ୍ତ ଜଣେ ହେଲେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର କିମ୍ବା ଶିଶୁ ରୋଗ ବିଶେଷଜ୍ଞ ନାହାନ୍ତି। ଏହାଫଳରେ ଏହି ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ଶିଶୁଙ୍କୁ କୌଣସି ରୋଗ ହେଲେ ଝଡ଼ାଫୁଙ୍କା ସହ ଗୁଣି ଗାରେଡିର ଆଶ୍ରୟ ନେଉଛନ୍ତି। କେତେକ କ୍ୱାକ୍ ଭରସାରେ ବଞ୍ଚୁଛନ୍ତି। ପ୍ରସୂତିଙ୍କୁ ୩୦ କିମି ଦୂର ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଛି। ଏପରିକି ଏହି ଡାକ୍ତରଖାନା ପରିସରରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପଟି ଦୀର୍ଘ ଦିନ ହେଲା ଅଚଳ ହୋଇପଡିଛି। ଏଠାରେ ଥିବା ଆହାର କେନ୍ଦ୍ରଟି ବନ୍ଦ ହୋଇ ପଡିଛି। ଔଷଧ ବିତରଣ କେନ୍ଦ୍ର ଏବଂ ପଞ୍ଜୀକରଣ କେନ୍ଦ୍ର ପ୍ରାୟ ସବୁ ସମୟରେ ବନ୍ଦ ରହୁଛି। ଏହାଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବିଶେଷଜ୍ଞ ଡାକ୍ତର ଅଭାବରୁ ଅତ୍ୟାଧୁନିକ ଯନ୍ତ୍ରପାତି ସବୁ ଖତ ହେଉଛି। ଓଟିରେ ତାଲା ଝୁଲୁଛି। ଏହା ଫଳରେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଗତ ଦୁଇ ବର୍ଷରେ ୨ ଥର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ




ମୁକେଶ ମହାଲିଙ୍ଗ କଣ୍ଟାମାଳ ଗସ୍ତ କରି ଡାକ୍ତରଖାନା ପରିଦର୍ଶନ ମଧ୍ୟ କରିଛନ୍ତି। କଣ୍ଟାମାଳବାସୀ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଛନ୍ତି। ସେ ମଧ୍ୟ ଯଥାଶୀଘ୍ର କଣ୍ଟାମାଳରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ; ହେଲେ ସେ ତାଙ୍କ ପ୍ରତିଶ୍ରୁତି ଏ ପର୍ଯ୍ୟନ୍ତ ପାଳନ କରି ନ ଥିବାରୁ କଣ୍ଟାମାଳବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। କେନ୍ଦ୍ର ଓ ରାଜ୍ୟ ସରକାର ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଗେ ନିରାପଦ ମାତୃତ୍ୱ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ଆବଶ୍ୟକ ଡାକ୍ତର ଅଭାବରୁ ଏହି ସବୁ ଯୋଜନା ଧର୍ମକୁ ଆଖିଠାର ନ୍ୟାୟରେ ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କଣ୍ଟାମାଳସ୍ଥିତ ଡାକ୍ତରଖାନାରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ପାଇଁ ଅଞ୍ଚଳବାସୀ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କରୁଛନ୍ତି; ହେଲେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ୨ଜଣ ଡାକ୍ତରଙ୍କ ଭରସାରେ ଅଞ୍ଚଳବାସୀ। ସରକାରଙ୍କ ଏଭଳି ଅବହେଳା ମନୋଭାବ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ କଣ୍ଟାମାଳ ଡାକ୍ତରଖାନାରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଓ ଜଣେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜୁଆଖେଳର ଭିଡ଼ିଓ ଭାଇରାଲ

ମନମୁଣ୍ଡା,୨୨।୪(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଗଞ୍ଜେଇ ଚାଷ ଏବଂ ଚୋରା ଚାଲାଣରେ କୁଖ୍ୟାତି ଲାଭ କରିଛି। ଏବେ ଘୁଡଘୁଡ଼ିପଟି ଜୁଆ ଖେଳ ବେଧଡକ ତଥା ଦିନ ଦ୍ୱିପ୍ରହରେ ଖୁଲମଖୁଲା ଚାଲିଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ମନମୁଣ୍ଡା ଥାନା ପଥର୍ଲା ଗ୍ରାମ ତେଲନଦୀ ନିକଟରେ ଥିବା ଏକ ଆମ୍ବ ବଗିଚା ନିକଟରେ ଏହା ଚାଲିଥିବା ଜାଣିବାକୁ ମିଳିଛି। ମନମୁଣ୍ଡା ଥାନାର ମାତ୍ର କିଛି କିଲୋମିଟର ନିକଟରେ ଏହି ଜୁଆଖେଳ ଖୁଲମ ଖୁଲା ଚାଲିଥିଲେ ବି ମନମୁଣ୍ଡା ପୁଲିସ ଚୁପ୍। ଗତ ୧ ତାରିଖରୁ ଇଟା ଚାଲଲାନ। କେନନେ ଶୁଇଥିଲୁ ଯେ ଆଜି ଆସୁଛୁ ବୋଲି ଜୁଆ ଖେଳାଉଥିବା ଜୁଆଡି ଜଣେ ଗ୍ରାହକକୁ କହୁଥିବା ଭିଡିଓରେ ଦେଖିବାକୁ ଓ ଶୁଣିବାକୁ ମିଳିଛି। ପୁଲିସ ସହ ସେଟିଂରେ ଜୁଆ ଖେଳ ଚାଲିଥିବା ଆଲୋଚନା ହେଉଛି। ଏହା ଫଳରେ ଜୁଆ ଖେଳି ଲୋକେ ସର୍ବସ୍ୱାନ୍ତ ହେଉଛନ୍ତି।

## ଅରବିନ୍ଦ ପୁରୋହିତଙ୍କ ପରଲୋକ



ବୀରମହାରାଜପୁର,୨୨।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଲୁତୁରପଙ୍କ (ବାବୁପାଲି) ଗ୍ରାମର ଅରବିନ୍ଦ ପୁରୋହିତ (୭୨)ଙ୍କ ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା ନୀତୁ ପୁରୋହିତଙ୍କ ସ୍ୱାମୀ। ରାତିରେ ଖାଇ ସାରି ସେ ଶୋଇ ଥିଲେ। ବିଳମ୍ବିତ ରାତିରେ ତାଙ୍କୁ ହୃଦଘାତ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ, ରଘୁବୀର ପାଣିଗ୍ରାହୀଙ୍କ ସମେତ ଅନେକ ବ୍ୟକ୍ତି ବିଶେଷ ଆସି ଅନ୍ତିମ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ଝିଅର ପୁଅ ସାଇ ପାଢ଼ୀ ମୁଖାଗ୍ନି ଦେଇଥିଲେ।

## ଖଇରମାଲ-ମାନପଦର ରାସ୍ତା ପାଇଁ ଭିତ୍ତି ପ୍ରସ୍ତର



କଣ୍ଟାମାଳ,୨୧।୪(ସମିସ): ବୌଦ୍ଧ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଣ୍ଟାମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ଖଇରମାଲ-ମାନପଦର ନୂତନ ରାସ୍ତା ନିର୍ମାଣ ଲାଗି ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଭିତ୍ତି ପ୍ରସ୍ତର ସ୍ଥାପନ ସମାରୋହରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଶାଗୁ ନାଏକ, କନିଷ୍ଠ ଯନ୍ତ୍ରୀ ଇଂ ଶ୍ୟାମ ସୁନ୍ଦର ହେମ୍ବ୍ରମଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

## ବାଳିକା ଶୌଚାଳୟ ଉଦ୍‌ଘାଟିତ



ମନମୁଣ୍ଡା,୨୨।୪(ସମିସ): କଣ୍ଟାମାଳ ବ୍ଲକ୍ କୁଣ୍ଡିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିର୍ମିତ ବାଳିକା ଶୌଚାଳୟ ଉଦ୍‌ଘାଟିତ ହୋଇଛି। ବସନ୍ତ ସୋସିଆଲ ଫାଉଣ୍ଡେସନର ନିର୍ଦ୍ଦେଶକ ବିକାଶ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମନମୁଣ୍ଡା ଏସବିଆଇ ପରିଚାଳକ ବାଳଗୋପାଳ ନାୟକ, ବୌଦ୍ଧ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, କଣ୍ଟାମାଳ ବିଇଓ ଅଶୋଭ ରଞ୍ଜନ ମାଳି ପ୍ରମୁଖ ଯୋଗ ଦେଇଥିଲେ। ଫାଉଣ୍ଡେସନର ଚେୟାରପର୍ସନ ରାଜଶ୍ରୀ ମିଶ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳାମ୍ବର ଖମାରୀ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନୂଆଁଦିଲ୍ଲୀ ବସନ୍ତ ସୋସିଆଲ ଫାଉଣ୍ଡେସନର ମନମୁଣ୍ଡା ଶାଖା ତରଫରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହଯୋଗରେ ଏହା ନିର୍ମାଣ କରାଯାଇଛି।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ହରଭଙ୍ଗା,୨୨।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗାରେ ଏକ ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୦୮ କଳସ ସହ ମହାନଦୀ କୂଳରୁ ଶତାଧିକ ଶ୍ରଦ୍ଧାଳୁ ଜଳ ନେଇ ମନ୍ଦିର ପ୍ରତିଷ୍ଠା ହେବାକୁ ସ୍ଥାନରେ ପହଞ୍ଚି ଥିଲେ। ଚିତ୍ତ ରଂଜନ ସିଂ ଓ ତାଙ୍କ ପତ୍ନୀ ସ୍ନେହଲତା ସିଂ କର୍ତ୍ତା ଥିଲେ। ମନୋରଞ୍ଜନ ମହାପାତ୍ର ପୂଜାକାର୍ଯ୍ୟ କରିଥିଲେ। ପ୍ରଦୀପ ଦାଶ, ସତ୍ୟପ୍ରକାଶ ତ୍ରିପାଠୀ, ହରିହର ପୁରୋହିତ, ରଣଜିତ ପୁରୋହିତ, ଆଲୋକ ଦାଶ, ଗୋପ ଦାଶ, ପ୍ରତୀକ ନନ୍ଦ, କୁନାଲ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଆମପାଣି ମଣ୍ଡଳର ସାଂଗଠନିକ ବୈଠକ

କୋକସରା,୨୨।୪(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଭାଲିଆଯୋରରେ ଆମପାଣି ମଣ୍ଡଳ ବିଜେପି ପକ୍ଷରୁ ମଙ୍ଗଳବାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ମଧୁବନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଣ୍ଡଳ ପ୍ରଭାରୀ ଗଣେଶ ନନ୍ଦ, ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା ପ୍ରମୁଖ ଯୋଗଦେଇ ଦଳୀୟ ସଂଗଠ ଓ ବୁଥ୍ କାର୍ଯ୍ୟକ୍ରମ କିପରି ହେବ ଆଲୋଚନା କରିଥିଲେ। ବୈଠକରେ ମଣ୍ଡଳ ସାଧାରଣ ସମ୍ପାଦକ ଦ୍ରୋଣାଚାର୍ଯ୍ୟ ପୂଝାରୀ, ଆମପାଣି ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା, ମକରନ୍ଦ ବାଗ, ସନାତନ ସୁନାନି, ନାରୀନେତ୍ରୀ ଧରିତ୍ରୀ ବାଗ, ପ୍ରାଞ୍ଜଳି ପ୍ରଧାନ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ମେଟେର ମଣ୍ଡଳ ପ୍ରଭାରୀ ଅର୍ଜୁନ ଭାଟି ଧନ୍ୟବାଦ ଅର୍ପଣ କରିଥିଲେ।

■ ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ଜିଲ୍ଲାପାଳଙ୍କୁ ଗୁହାରି

## ୪ଥର ଅଭିଯୋଗ ସତ୍ତ୍ୱେ ସମାଧାନ ହେଉନି

ଶଗଡା,୨୨।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଡିପଦର ପଞ୍ଚାୟତ ସଦର ମହକୁମାକୁ ଲକ୍ଷ୍ମୀବସ୍ ଚଳାଚଳ କରିବାକୁ ନେଇ ସରପଞ୍ଚଙ୍କ ସମେତ ପଞ୍ଚାୟତବାସୀ କଣ୍ଟାମାଳରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ସରକାର ପ୍ରତ୍ୟେକ ପଞ୍ଚାୟତ ସଦର ମହକୁମାରୁ ବ୍ଲକ୍ ମୁଖ୍ୟାଳୟକୁ ଜନସାଧାରଣ ସିଧା ସଳଖ ଯିବା ଆସିବା ଉଦ୍ଦେଶ୍ୟରେ ଲକ୍ଷ୍ମୀବସ୍ ଚଳାଚଳ ଚଳାଚଳ ଆରମ୍ଭ କରିଥିଲେ; ହେଲେ ଆଜି ପର୍ଯ୍ୟନ୍ତ ଶୁଣ୍ଡିପଦର ପଞ୍ଚାୟତର କୌଣସି ଗ୍ରାମକୁ ଲକ୍ଷ୍ମୀବସ୍ ଯାତାୟାତ କରୁନାହିଁ। ଏହି ଅଞ୍ଚଳକୁ କୌଣସି ବସ୍ ଚଳାଚଳ କରୁ ନ ଥିବା ଫଳରେ ପଞ୍ଚାୟତବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍‌ରେ ଯିବାକୁ ହେଲେ ୪ରୁ ୫ କିଲୋମିଟର ଚାଲି ଚାଲି ଯିବାକୁ ପଡେ। ସରକାର ଲୋକଙ୍କ ସୁବିଧା ପାଇଁ ଲକ୍ଷ୍ମୀବସ୍ ସେବା ଆରମ୍ଭ କରିଥିଲେ ହେଁ ଶୁଣ୍ଡିପଦର ପଞ୍ଚାୟତବାସୀ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି। ଗତ ବର୍ଷଠାରୁ ଆରମ୍ଭ କରି ୪ଥର କଣ୍ଟାମାଳଠାରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ୭ ଦିନ ମଧ୍ୟରେ ଶୁଣ୍ଡିପଦର ପଞ୍ଚାୟତକୁ ଲକ୍ଷ୍ମୀବସ୍ ଚଳାଚଳ ନ କଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ। ପ୍ରଶାସନ ଏଥିପାଇଁ ଦାୟୀ ରହିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

**୭ ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ**

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର

● ଓଭରଲୋଡ୍ ଆଳରେ ମନଇଚ୍ଛା ବିଦ୍ୟୁତ୍ କାଟ୍

କଣ୍ଟାମାଳ,୨୨।୪(ସମିସ): ବୌଦ୍ଧ ଜିଲ୍ଲାରେ ୪/୫ଦିନ ହେଲା ପ୍ରବଳ ଗୁଳୁଗୁଳି ସହ ତାପମାତ୍ରା ବୃଦ୍ଧି ପାଉଛି। ଅଞ୍ଚଳରେ ବାରମ୍ବାର ବିଜୁଳି କାଟ୍ କରାଯାଉଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ଲୋ ଭୋଲଟେଜ ରହୁଥିବା ଯୋଗୁଁ ଫ୍ରିଜ, କୁଲର, ଫ୍ୟାନ୍ ଚାଲୁନି। ବିନା କାରଣରେ କିମ୍ବା ବିନା ସୂଚନାରେ ବିଜୁଳି କାଟିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଦ୍ୟୁତ୍ ବିଭାଗକୁ ତାଗିଦ କରିଛନ୍ତି; ହେଲେ ବାରମ୍ବାର ବିଜୁଳି କାଟ୍ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟକୁ କେହି ଖାତିର କରୁ ନାହାନ୍ତି। ବାରମ୍ବାର ବିଜୁଳି କାଟ ହେଉଥିବାରୁ ଅଞ୍ଚଳରେ ଅସନ୍ତୋଷ ବଢୁଛି। ତେବେ ଓଭର ଲୋଡ୍ ହେଉଥିବାରୁ ବିଜୁଳି କାଟ୍ ହେଉଛି ବୋଲି ଉତ୍ତର ମିଳୁଛି।

## ପିତାମହୁଲରେ ୨୫ ଜଣଙ୍କୁ ହାଇଟେକ୍ ପଟ୍ଟା ବଣ୍ଟନ

ବୀରମହାରାଜପୁର,୨୨।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ପିତାମହୁଲସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ହାଇଟେକ ପଟ୍ଟା ବଣ୍ଟନ ହୋଇଛି। ପ୍ରଶାସନର ହାଇଟେକ ସର୍ଭେ ପରେ ବ୍ଲକରେ ପ୍ରଥମ ଏହା କାର୍ଯ୍ୟକାରୀ କରାଯାଇଛି। ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ବେଣୁଧର ଦାସ, ନଳିନୀ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଚୌହାନପୁର ମୌଜାର ୨୫ ଜଣଙ୍କୁ ଏହି ହାଇଟେକ ପଟ୍ଟା ବଣ୍ଟନ କରାଯାଇଛି। ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୧୬ରୁ ଆରମ୍ଭ ହୋଇଥିବା ହାଇଟେକ୍ ସର୍ଭେର ୧୦ ବର୍ଷ ପରେ ଏହି ପଟ୍ଟା ବଣ୍ଟନ କରାଯାଇଛି।

● ସୋନପୁର ଗାନ୍ଧୀ ଷ୍ଟାଡିୟମରେ ସିଏମ୍ ଟ୍ରଫି ଉଦ୍‌ଘାଟିତ

## ଭଲିବଲ୍, କବାଡ଼ି ଓ ଖୋ ଖୋରେ ଛାତ୍ରଛାତ୍ରୀଙ୍କ ଚିତ୍ତାକର୍ଷକ ପ୍ରଦର୍ଶନ

ତରଭା,୨୨।୪(ସମିସ: ସୋନପୁର ଗାନ୍ଧୀ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଏହାକୁ ଉଦ୍‌ଘାଟନ କରିଥିଲେ। ଭଲିବଲ୍, ଖୋ ଖୋ ଓ କବାଡି ଖେଳରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଭଲିବଲ ବାଳକ ବିଭାଗରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ବିଜୟୀ ହୋଇଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁର ରନର୍ସ ଅପ୍ ହୋଇଥିଲା। ସେହିଭଳି ଭଲିବଲ୍ ବାଳିକା ବିଭାଗରେ ତରଭା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବିଜୟୀ ହୋଇଥିଲା। କବାଡି ବାଳକ ବିଭାଗରେ ମଗଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବିଜୟୀ ହୋଇଥିବା ବେଳେ ସାଇକୃପା ଶିକ୍ଷା ନିକେତନ ରନର୍ସ ଅପ୍ ହୋଇଥିଲା। କବାଡି ବାଳିକା ବିଭାଗରେ ତରଭା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ ହୋଇଥିବା ବେଳେ ସୋନପୁର ବ୍ଲକ୍ ରନର୍ସ ଅପ୍ ହୋଇଥିଲା। ଖୋ ଖୋ ବାଳକ ବିଭାଗରେ ସାଇ କୃପା ଶିକ୍ଷା ନିକେତନ ଚାମ୍ପିଅନ ଏବଂ ସୋନପୁର ବ୍ଲକ ରନର୍ସ ଅପ୍ ହୋଇଥିଲା। ଖୋ ଖୋ ବାଳିକା ବିଭାଗରେ ତରଭା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ ଏବଂ ସୋନପୁର ବ୍ଲକ ରନର୍ସ ଅପ୍ ହୋଇଥିଲା। ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାଲାଜୀ ବିଶ୍ୱନାଥ ଏବଂ ଜିଲ୍ଲା କ୍ରୀଡ଼ା ଏବଂ ଯୁବସେବା ଅଧିକାରୀ ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ୍‌ର ସଭାପତି ପୀୟୂଷ ପଣ୍ଡା ସଂଯୋଜନା କରିଥିଲେ।

### ଅସହ୍ୟ ଖରା ଓ ଗୁଳିଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

## ସକାଳୁ ସନ୍ଧ୍ୟା ତାତିରୁ ନିସ୍ତାର ନାହିଁ

ବିରମହାରାଜପୁର,୨୨।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସହରରେ ଏବେ ତାପମାତ୍ରା ୪୨ଡିଗ୍ରୀ ଉପରେ। ସକାଳ ୯ ଟାରୁ ସନ୍ଧ୍ୟା ୬ଟା ଯାଏ ଖରା ତାତିରୁ ମଣିଷ ତଥା ଜୀବଜନ୍ତୁଙ୍କୁ ନିସ୍ତାର ନାହିଁ। ମୁଣ୍ଡଫଟା ଟାଣ ଖରାରେ ଲୋକେ କଲବଲ୍ ହେଉଛନ୍ତି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନବେଳା ଘରୁ ବାହାରକୁ ବାହାରିଲେ ନିଆଁରେ ରହିଲା ଭଳି ଲାଗୁଛି। ଖରାବାଜିଲେ ହତଗୋଡ ନିଆଁରେ ଜଳିଗଲା ପରି ଲାଗୁଛି। ଅସହ୍ୟ ରାତିରୁ ଲୋକେ ସାମାନ୍ୟ ରକ୍ଷା ପାଇବା ପାଇଁ ଆଖୁରସ, ତରଭୁଜ, ଲସି, ଲେମ୍ବୁପାଣି, ତଥା ଥଣ୍ଡା ପାନୀୟ ଜଳ ଉପରେ ନିର୍ଭର କରୁଥାନ୍ତି। ପୁଣି ସହରର ଛକ ସ୍ଥାନରେ କିମ୍ବା ଅଫିସ ଓ ଦୈନିକ ବଜାରରେ ଗଛ ଲତା ନ ଥିବାରୁ ଲୋକେ ଖରାରେ ହିଁ ରହିବାକୁ ବାଧ୍ୟ ହେଉଛନ୍ତି। ଲୋକେ ଚାହା ଦୋକନ, ପାନ ଦୋକାନ, ଅଫିସ୍ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। କଂକ୍ରିଟ ତଥା ପିଚୁ ରାସ୍ତାରେ ଖରାରେ ଯିବା ଆସିବା ସମୟରେ ସ୍ଥିତି ଅସମ୍ଭାଳ ହୋଇପଡୁଛି। ଦିନ ୧୦ଟା ପରେ ଯଦିଓ ରାସ୍ତା ଘାଟ ଖାଁ ଖାଁ ଲାଗୁଛି ତଥାପି ଦୈନିକ ବଜାର, ବ୍ୟାଙ୍କ୍ ଓ ଅଫିସ କାମରେ ଲୋକେ ଯା ଆସ କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ପରିସ୍ଥିତିରେ ସରକାରଙ୍କ ତରଫରୁ ବିଭିନ୍ନ ଛକ, ବଜାର, ବସଷ୍ଟାଣ୍ଡ, ଡାକ୍ତଖାନା ଓ ଅଫିସ୍ ସମ୍ମୁଖରେ ଜନସାଧାରଣଙ୍କ ପାଇଁ ଜଳଛତ୍ର ଖୋଲା ଯାଇ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଂଶୁଘାତ ମୁକାବିଲା ପାଇଁ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ଅଧିକାରୀ ଏ ଦିଗରେ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଛନ୍ତି।

## ଜଗତି, ସାପଦୋହଲିରେ ହାତୀ ଉପଦ୍ରବ

ଜହ୍ନାପଙ୍କ,୨୨।୪(ସମିସ): ବୌଦ୍ଧ ବନଖଣ୍ଡ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ୧୪ ଟିକିଆ ହାତୀ ପଲ ସାଲୁଙ୍କି ନଦୀ ପାର ହୋଇ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ମହାନଦୀ କୂଳରେ ହୋଇଥିବା ଡାଲୁଅ ଧାନ ଖାଇ ନଷ୍ଟ କରିଛନ୍ତି। ଜଗତି ଓ ସାପଦୋହଲିରେ ପାଚିବାକୁ ଥିବା ଡାଲୁଅ ଧାନ ଚାଷ ଖାଇବା ସହ ମାଡି ମଚକି ନଷ୍ଟ କରି ଦେଇଛନ୍ତି। ଏଥିରେ ସାପଦୋହଲି ଗ୍ରାମର ଦୁଲ୍ଲ ଜଟି, ଅନିରୁଦ୍ଧ ନାଏକ, ସୁରେଶ ନାଏକ, ରାଜ ନାଏକ ଓ ଜଗତି ଗ୍ରାମର ସ୍ୱାଧୀନ ପ୍ରଧାନ, ବିପ୍ରଚରଣ ମହାନ୍ତି, ବିବେକ ମହାନ୍ତି, ସ୍ୱପ୍ନେଶ୍ୱର ମହାନ୍ତି, ଭଗବାନ ପ୍ରଧାନ, ଲୋକନାଥ ପ୍ରଧାନ ପ୍ରମୁଖଙ୍କ ଡାଲୁଅ ଧାନ ଚାଷ ନଷ୍ଟ ହୋଇଛି। ଦୀର୍ଘ ୪ ଦିନ ଧରି ହେଲା ହାତୀ ପଲ ଏଭଳି ଚଳାଇଛନ୍ତି। ରାତିରେ ଧାନ ଖାଇ ସକାଳ ହେଲେ ମହାନଦୀ ପାର ହୋଇ ଦୂରଦୁରା ଜଙ୍ଗଲକୁ ପଳାଇ ଯାଉଛନ୍ତି। ବାରମ୍ବାର ହାତୀ ପଲ ଆସି ଧାନ ଖାଇ ପଳାଉଛନ୍ତି। ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଏଥିରେ ବହୁତ କ୍ଷତି ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ହାତୀ ପଲ ଦିନରେ ମହାନଦୀ ପାଣିରେ ରହୁଛନ୍ତି। ରାତିରେ ଚାଷୀଙ୍କ ଧାନ ଫସଲ ଖାଇବାକୁ ଆସୁଛନ୍ତି। ଏନେଇ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ନାମକୁ ମାତ୍ର ବନ କର୍ମଚାରୀ ପରିଦର୍ଶନରେ ଯାଇଥିଲେ। ବନ ବିଭାଗ ହାତୀ ଘଉଡ଼ାଇବାକୁ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାତୀ ଘଉଡ଼ାଇବାକୁ ପଦକ୍ଷେପ ନ ନେଲେ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ସୂଚନା ଦେଇଛନ୍ତି।

### ଲିଙ୍ଗ ଭେଦ ବୈଷମ୍ୟତା କର୍ମଶାଳା

ବୌଦ୍ଧ,୨୨।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ମହଲିକପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଲିଙ୍ଗ ଭେଦ ବୈଷମ୍ୟତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମାଜରେ ଏବେ ସୁଦ୍ଧା ଲିଙ୍ଗଗତ ଭେଦଭାବ ଯୋଗୁ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହାର ପ୍ରତିରୋଧ ପାଇଁ ତଳସ୍ତରରେ କାର୍ଯ୍ୟ କରୁଥିବା ଆଶା, ଅଙ୍ଗନୱାଡ଼ି କର୍ମୀ ପ୍ରମୁଖଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜଗଦୀଶ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଉପ ଗୋଷ୍ଠୀ ଅଧିକାରୀ ସତ୍ୟବ୍ରତ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ମାନସ ରଞ୍ଜନ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୫ ଦିନ ହେଲା ପିଇବା ପାଣି ପାଇଁ ହସ୍ତସନ୍ତ ତାଳପଡ଼ା ଗ୍ରାମବାସୀ



ଶଗଡା,୨୨।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବିଳାସପୁର ପଞ୍ଚାୟତ ତାଳପଡ଼ା ଗ୍ରାମରେ ନଳକୂପଟି ୧୫ ଦିନ ହେବ ଅଚଳ ହୋଇ ପଡିରହିଛି। ଏଣୁ ଗାଁର ୬୦ ପରିବାର ୨୫୦ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୫ ଦିନ ହେବ ନଳକୂପ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଣି ଭଳି ଅତ୍ୟାବଶ୍ୟକୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଗୁଡଭେଲିପଦରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ

ଶଗଡା,୨୨।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲି ପଦର ଗ୍ରାମ ଛକରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ୧୫ ଦିନରୁ ଅଧିକ ହେବ ଅଚଳ ହୋଇ ପଡିଛି। ଅନ୍ୟପଟେ ଗ୍ରାମକୁ ଆସିଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ମଧ୍ୟ ପାଖାପାଖି ୧୦ଦିନରୁ ଅଧିକ ହେବ ଜଳ ଯୋଗାଣ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ବିଶୁଦ୍ଧ ପିଇବା ପାଣି ପାଇଁ ଏହି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସହ ମେଗା ପ୍ରକଳ୍ପ ଉପରେ ନିର୍ଭର କରିଥାନ୍ତି। ଗ୍ରାମରେ ନଳକୂପ ଥିଲେ ମଧ୍ୟ ଲୁହାଗୁଣ୍ଡ ମିଶା ପାଣି ପିଇବା ଉପଯୋଗୀ ନୁହେଁ। ଏହି ନଳକୂଅର ପାଣି ପିଇ ଲୋକେ କିଡ଼ନୀ ଓ ଜଣ୍ଡିସର ଶିକାର ହେଉଛନ୍ତି। ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଇଥିବା ନଜିର ରହିଛି। ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଅନେକ ଥର ଗ୍ରାମବାସୀ ଦାବି କରିଛନ୍ତି। ଆଜିସୁଦ୍ଧା ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଜଳ ପରିମଳ ବିଭାଗ କେହି ବି କିନ୍ତୁ ଶୁଣୁ ନାହାନ୍ତି। ଏଣୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ମେଗା ପ୍ରକଳ୍ପରୁ ଗ୍ରାମକୁ ପାଣି ଯୋଗାଣରେ ମଧ୍ୟ ବ୍ୟତିକ୍ରମ ହେଉଛି। ନିୟମିତ ଭାବେ ପାଣି ଯୋଗାଣ କରାଯାଉ ନାହିଁ। ଗୋଟେପଟେ ଗାଁ ମୁଣ୍ଡରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ। ଅନ୍ୟପକ୍ଷେ ମେଗା ପ୍ରକଳ୍ପରୁ ମଧ୍ୟ ପାଣି ଆସୁନି। ଏଣୁ ଲୋକେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଗ୍ରାମରେ ପାଖାପାଖି ୪ ହଜାର ଲୋକ ସଂଖ୍ୟା। ବର୍ତ୍ତମାନ ଖରା ବଢୁଛି। ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇ ଯାଇଛି। ଲୋକେ ପିଇବା ପାଣି ପାଇଁ ହାହାକାର ହେଉଛନ୍ତି। ବିଶୁଦ୍ଧ ପାଣି ଟୋପାଏ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଗ୍ରାମରେ କିଡ଼ନୀ ରୋଗ କାୟା ବିସ୍ତାର କରିଛି। ଅନେକ ନିରୀହ ଜୀବନ ନେଇ ସାରିଛି। ବିଶୁଦ୍ଧ ପିଇବା ପାଣି ଯୋଗାଣ ପାଇଁ ଲୋକେ ଅଭିଯୋଗ କଲା ପରେ ମଧ୍ୟ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେବା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି। ସରକାର ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଠି ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରୁ। ଏହାସହ ମେଗା ପ୍ରକଳ୍ପରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



● ୧୫ଦିନ ହେଲା କାମ କରୁନି
● ମେଗା ପ୍ରକଳ୍ପରୁ ମଧ୍ୟ ଆସୁନି ପାଣି
● ପିଇବା ପାଣି ପାଇଁ ଡହକ ବିକଳ ଗ୍ରାମବାସୀ

### ଭାରତ ସରକାରଙ୍କ ଅତିରିକ୍ତ ସଚିବଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ

# କ୍ଷେତ୍ର ପରିଦର୍ଶନ ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା

**ଭବାନୀପାଟଣା, ୨୨।୪(ସମିସ):** ଭାରତ ସରକାରଙ୍କ ଅତିରିକ୍ତ ସଚିବ, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ, ଭାରତ ସରକାର ତଥା କେନ୍ଦ୍ରୀୟ ପ୍ରଭାରୀ ଅଧିକାରିଣୀ ଅନିତା କର୍ଣ୍ଣଙ୍କଙ୍କ ଦୁଇ ଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି। ପରିଦର୍ଶନର ଆରମ୍ଭରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ 'ଶୀତଳ'ଆଦି କର୍ମଯୋଗୀ ଜୀବିକା ପଦକ୍ଷେପ କାର୍ଯ୍ୟକ୍ରମର ଜିଲ୍ଲାରେ ଶୁଭାରମ୍ଭ ଅବସରରେ ସମ୍ମାନିୟ ଅତିଥି ଭାବରେ ଯୋଗଦେଇଥିଲେ।ପରେ ଥୁଆମୂଳରାମପୁର ବ୍ଲକର କାଣିଗୁମାର କଫି ଉଦ୍ୟାନ ପରିଦର୍ଶନ କରି ବିଭାଗୀୟ ଅଧିକାରୀ ସହିତ ଆଲୋଚନା କରିଥିଲେ। ପରେ କେନ୍ଦ୍ରୀୟ ଭଣ୍ଡାରଣ ନିଗମ ସିଏସ୍‌ଆର ପାଣ୍ଠି ଅନୁଦାନରେ ଥୁଆମୂଳରାମପୁର ବ୍ଲକର ଅମିଠାଗୁଡାରେ ଡିଜିଟାଲ ଶିକ୍ଷାର ପ୍ରୋତ୍ସାହନ ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଥୁଆମୂଳରାମପୁର ଠାରେ ଥିବା କଫି ନର୍ସରୀ ପରିଦର୍ଶନ କରି ଏହାର ରକ୍ଷଣାବେକ୍ଷଣ, ସୁପରିଚାଳନା ଦାୟିତ୍ୱ ରେ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀ ସହିତ ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଧିକାରୀ ଜିଲ୍ଲାପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ ଏବଂ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶ୍ରୀକାନ୍ତ ଦଳେଇ ଯୋଗଦେଇଥିଲେ। ପରିଦର୍ଶନ ସମାପ୍ତ କରି ଜିଲ୍ଲାପାଳଙ୍କ ପ୍ରଦକ୍ଷଣ ସଭାଗୃହରେ ଆୟୋଜିତ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମ, ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ବିଭିନ୍ନ ସୁଚକାଙ୍କ ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶ୍ରୀକାନ୍ତ ଦଳେଇଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।



### ଶୁଖିଗଲାଣି ପତୋରା ଡ୍ୟାମ୍

# ସଂକଟ ହେଲାଣି ପିଇବା ପାଣି ଓ ଜଳସେଚନ

**ନୂଆପଡ଼ା, ୨୨।୪(ସମିସ)**

ନୂଆପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ପତୋରା ଡ୍ୟାମ୍ ପାଣି ଶୁଖିଯାଇଥିବା ବେଳେ ବର୍ତ୍ତମାନ ରବି ଫସଲ କରିଥିବା ଶତାଧିକ ଚାଷୀ ଏବଂ ପାନୀୟ ଜଳ ପାଉଥିବା ହଜାର ହଜାର ପରିବାର ଲୋକଙ୍କ ମୁହଁକୁ ଶୁଖାଇଦେଇଛି। ନୂଆପଡ଼ା ଜିଲ୍ଲାର ଭାତହାଣ୍ଡି ଭୁଶୁଡି ଯାଇଥିବା ଚର୍ଚ୍ଚା ହେଉଛି। ଏହି ଡ୍ୟାମ୍ ପାଣି ଭରସାରେ ରବି ଚାଷ କରିଥିବା ୪ହଜାର ହେକ୍ଟର ଜମିର ଧାନ ଚାହ ଉଜୁଡିଯିବା ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ପାଣି ପାଇଁ ଦିନରାତି ଚାଷୀଙ୍କ ଆଖିର ନିଦ ହଜିଯାଇଥିବାରୁ କୌଣସି ପ୍ରକାର ଅଘଟଣକୁ ଏଡାଇବାକୁ ପ୍ରଶାସନିକ ଅଧିକାରୀମାନେ ଦିନରାତି ଡ୍ୟାମକୁ ଜଗି ରହିଥିବା ଦେଖାଯାଇଛି। ପ୍ରକାଶ ଯେ ଜୋଙ୍କ ନଦୀରେ ବନ୍ଧା ହୋଇଥିବା ଜୋଙ୍କ ଜଳସେଚନ ପ୍ରକଳ୍ପ ବା ପତୋରା ଡ୍ୟାମ୍ ପାଣିରେ ଖରିଫ ଋତୁରେ ୯ହଜାର ହେକ୍ଟର ଜମିରେ ଚାଷ ହେଉଥିବା ବେଳେ ରବି ଋତୁରେ ୪ହଜାର ହେକ୍ଟର ଜମିରେ ଚାଷ ହୋଇଥାଏ। ସୂଚନା ଯୋଗ୍ୟ ଯେ ପତୋରା ଡ୍ୟାମ୍‌ରେ ୩୫୪ ମିଟର ପାଣି ରଖାଯିବାର କ୍ଷମତା ରହିଥିବା ବେଳେ ସରକାରଙ୍କ ପରିବେଶ ବିଭାଗର ଅନୁମତି ନଥିବାରୁ ୩୫୪ ମିଟର ତଳକୁ ଅର୍ଥାତ ୩୫୦ମିଟର ପାଣି ରଖାଯାଇଥିଲା। ପୂର୍ବବର୍ଷ ମାନଙ୍କରେ ଅଧିକା ପାଣି ରହୁଥିବାରୁ ସମସ୍ୟା ସେତେଟା ହେଉନଥିବା ଚାଷୀନେତାମାନେ କହିଛନ୍ତି। ହେଲେ ଏଥର କମ ପାଣିରୁ ଜଳସେଚନ ସାଙ୍ଗକୁ ପାନୀୟ ଜଳ ଯୋଗାଣ କିପରି ଠିକ ଭାବାରେ ହୋଇପାରିବ ସେଥିପାଇଁ ୧୯ଶହ ହେକ୍ଟର ଜମିରେ ରବି ଫସଲ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ପାଣି ଛାଡିବା ବେଳକୁ ଚାଷୀମାନେ ତୁରନ୍ତ ଚାଷ ଆରମ୍ଭ କରିଦେଇଥିଲେ। ପୂର୍ବବତ ୪ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଚାଷ କରିଦେଲେ। ଏହାକୁ ଜଳ ସେଚନ ବିଭାଗ ଅଧିକାରୀ, ଯନ୍ତ୍ରୀ, ସ୍ଥାନୀୟ ନେତା ଜାଣି ଶୁଣି ଚୁପ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅଧିକ ଚାଷ କରିବାକୁ ବାରଣ କରିନଥିଲେ। ଏପରିକି କୌଣସି ସଭାସମିତି କରାଯାଇନଥିବା କୁହାଯାଇଛି। ଦୀର୍ଘ ତିନିମାସ କାଳ ପାଣି ପାଇ ଚାଷୀ ଖୁସିରେ ରହିଥିଲେ। ହେଲେ ଧିରେ ଧିରେ ପାଣି ଶୁଖିବାକୁ ବସିଲା। ଏପଟେ ନୂଆପଡ଼ା, ଖରିଆରରୋଡ ସହ ସ୍ଥାନୀୟ ୫୫ଖଣ୍ଡ ଗାଁକୁ ଏହି ଡ୍ୟାମ୍‌ରୁ ପାନୀୟ ଜଳ ଯୋଗାଣ ହେଉଥିବାରୁ ଦୈନିକ କୋଟିଏ ଲିଟରରୁ ଉର୍ଦ୍ଧ୍ୱ ପାଣି ଯୋଗାଣ ହେଉଛି। ବର୍ତ୍ତମାନ ଡ୍ୟାମ୍ ପାଣି ଶୁଖିବାରେ ଲାଗିଥିବା ବେଳେ ବିଜୁଳି ସମସ୍ୟା ଯୋଗୁଁ ପ୍ରତିଦିନ ପାନୀୟ ଜଳ ଯୋଗାଣ ମଧ୍ୟ ହୋଇପାରୁନାହିଁ। ଏପରିକି ଡ୍ୟାମ୍ ତଳ ପାଣିକୁ ଏକ ମୋଟର ଜରିଆରେ ଉଠାଯାଇ ଇନ୍‌ଟେକ କୂଅରେ ଭର୍ତ୍ତି କରାଯାଉଛି। ସେଠାରୁ ପାଣି ଉପରକୁ ନେଇ ଯୋଗାଣ ହେଉଛି। ଫଳରେ ଅତ୍ୟଧିକ ଗରମ ସମୟରେ ଲୋକଙ୍କୁ ଜଳକଷ୍ଟ ମଧ୍ୟ ହେଲାଣି। ଏହାକୁ ନେଇ ଚାଷୀ ନେତା କମଳେସ କୁମାର ଦିକ୍ଷୀତଙ୍କୁ ପଚାରିବାରେ ବିଭାଗୀୟ ଅବହେଳା ଯୋଗୁଁ ଏଭଳି ସମସ୍ୟା ହୋଇଛି। ଚାଷୀ ଏବଂ ଜଳସେଚନ ବିଭାଗ ମଧ୍ୟରେ ସୁସମ୍ପର୍କ ରହୁନାହିଁ। ବିଭାଗ ସବୁବେଳେ ଚାଷ ଅପେକ୍ଷା ଠିକାଦାରୀ ଉପରେ ବେଶୀ ଗୁରୁତ୍ୱ ଦେଇ ଆସୁଛି ବୋଲି କହିଛନ୍ତି। ଏହା ଉପରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ଏସଡ଼ିଓଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ କଲ ଉଠାଇନଥିଲେ। ଏହାକୁ ନେଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଯୋଗାଯୋଗ କରିବାରୁ ପ୍ରଶାସନ ଠିକ ସମୟରେ ଚାଷୀମାନଙ୍କୁ ନେଇ ଏକ ନିର୍ଦ୍ଦିଷ୍ଟ ପରିମାଣର ଜମିରେ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲା। ଏହାକୁ କିଛି ଚାଷୀମାନେ ମାନିନାହାଁନ୍ତି। ତାର ପରିଣାମ ଏହା ହୋଇଛି। ଯାହାବି ପାଣି ରହିଛି ତାକୁ ପ୍ରଶାସନିକ ଅଧିକାରୀମାନେ ଦିନରାତି ଜଗିଛନ୍ତି ବୋଲି କହିଛନ୍ତି। ତେବେ ଆଗକୁ ସ୍ଥିତି କଅଣ ହେବ ତାହା ଦେଖିବାକୁ ବାକି ରହିଲା।

**୪ହଜାର ହେକ୍ଟର ଚାଷ ଉଜୁଡିବା ଆଶଙ୍କା**

**ଦିନରାତି ଜଗିଛନ୍ତି ପ୍ରଶାସନିକ ଅଧିକାରୀ**



### ୪୦ ଡିଗ୍ରୀ ଉପରେ ପାରଦ

# ଜନଜୀବନ ଅସ୍ତବ୍ୟସ୍ତ, ରାସ୍ତାଘାଟ ଶୂନସାନ

**କେସିଙ୍ଗା, ୨୨।୪(ସମିସ):** ଚଳିତ ବର୍ଷ ଗ୍ରୀଷ୍ମ ପ୍ରକୋପ ଅଧିକ ହେବାରେ ଲାଗିଛି। ଗତ ୧୦ ଦିନ ହେଲାଣି ପାରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସକାଳ ୧୦ରୁ ଯେମିତ ସହରରେ ପ୍ରାକୃତିକ କର୍ଫ୍ୟୁ ଲାଗି ଯାଉଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ନିର୍ଦ୍ଦେଶ ସ୍କୁଲ କଲେଜ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ କାମଧାମ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଶ୍ରମିକଙ୍କୁ ୧୧ ଟା ପର୍ଯ୍ୟନ୍ତ କାମ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏନ୍‌ଏସି ପକ୍ଷରୁ ସ୍ଥାନେ ସ୍ଥାନେ ଜଳଛତ୍ର ଖୋଲାଯାଇ ଲୋକଙ୍କୁ ଜଳ ବଣ୍ଟନ କରାଯାଉଛି। ହେଲେ ବସ୍‌ଷ୍ଟାଣ୍ଡ ବିହୀନ କେସିଙ୍ଗା ସହରରେ ଖରା ପାଇଁ ବସ୍‌ଯାତ୍ରୀ ଅତ୍ୟଧିକ ହଇରାଣ ହେଉଛନ୍ତି। କେସିଙ୍ଗା ଭେଟନ୍ୟାରି ଛକରେ ବସ୍‌ଷ୍ଟାଣ୍ଡ ନାମରେ କେସିଙ୍ଗା ଏନ୍‌ଏସି ପକ୍ଷରୁ ଛୋଟ ବିଶ୍ରାମଗାର ରହିଛି ଯାହାକି ବସ୍‌ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ସହରରେ ରାସ୍ତା କଡରେ ଗଛ ନଥିବାରୁ ପଥଚାରୀଙ୍କୁ ଅନେକ ଅସୁବିଧା ହେଉଛି। କେସିଙ୍ଗା ସହର ମଧ୍ୟ ଦେଇ ଏନ୍‌ଏଚ-୨୬ ଯାଇଥିବାରୁ ସବୁ ସମୟରେ ଶହ ଶହ ସଂଖ୍ୟାରେ ଗାଡ଼ି ମଟର ଚାଲୁଥିବା ବେଳେ ଗାଡ଼ିର ଗରମ ବାମ୍ପ ସହିତ ସୂର୍ଯ୍ୟଙ୍କ ତାତି ଅସହ୍ୟ ହୋଇପଡ଼ିଛି। କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତ ଲୋକ କୋର୍ଟ, ତହସିଲ, ବ୍ଲକ, ବ୍ୟାଙ୍କ କାର୍ଯ୍ୟ ତଥା ଅନ୍ୟାନ୍ୟ ନିତିଦିନିଆ କାର୍ଯ୍ୟ ପାଇଁ ପ୍ରତିଦିନ କେସିଙ୍ଗାକୁ ବସ ଯୋଗେ ଯିବା ଆସିବା କରିଥାନ୍ତି। ସେଥି ପାଇଁ ବସ୍‌ଷ୍ଟାଣ୍ଡରେ ସଦାବେଳେ ଭିଡ଼ ଦେଖିବାକୁ ମିଳିଥାଏ। ହେଲେ କେସିଙ୍ଗାରେ ବସ୍‌ଷ୍ଟାଣ୍ଡ ନ ଥିବାରୁ ଖରାରୁ ରକ୍ଷା ପାଇବା ପାଇଁ ଅନେକ ଯାତ୍ରୀ ବସ୍‌ଷ୍ଟାଣ୍ଡ ପାଖରେ ଥିବା ଦୋକାନରେ ନିଜର ମୁଣ୍ଡଗୁଞ୍ଜି ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ଯଥା ଶୀଘ୍ର କେସିଙ୍ଗା ରୋଡ ଉପରେ ଥିବା ବସ୍‌ଷ୍ଟାଣ୍ଡରେ ଖରାରୁ ବସ ଯାତ୍ରୀମାନଙ୍କୁ ରକ୍ଷା କରିବା ପାଇଁ ଏକ ଅସ୍ଥାୟୀ ସେଡ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।



**ବସ୍‌ଷ୍ଟାଣ୍ଡରେ ଅସ୍ଥାୟୀ ସେଡ୍ ନିର୍ମାଣ ଦାବି**

# ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ

**ଲାଞ୍ଜିଗଡ଼, ୨୨।୪(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ତରଫରୁ ଏପ୍ରିଲ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିକାଣ୍ଡ ପ୍ରତିରୋଧ, ସତର୍କତା ଓ ଜରୁରୀକାଳୀନ ସୁରକ୍ଷା ସମ୍ପର୍କରେ ସାଧାରଣଲୋକଙ୍କ ସମେତ ବିଭିନ୍ନ ସ୍କୁଲ, କଲେଜ ଓ ଡାକ୍ତରଖାନାଙ୍କୁ ଅଗ୍ନିଶମ ବିଭାଗ ଦ୍ୱାରା ସଚେତନତା କରାଯାଇଥିଲା। ବିଶ୍ୱନାଥପୁର ଡାକ୍ତରଖାନା, ବେଦାନ୍ତ ଡାକ୍ତରଖାନା, ଯୋଡ଼ାବନ୍ଧ, ଛତ୍ରପୁର ସରକାରୀ ବିଦ୍ୟାଳୟ, ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଓ ଆରବିକେ କଲୋନୀ ଗୁଡିକରେ ଅଗ୍ନି ସୁରକ୍ଷା ସଚେତନତା ଓ ମକ୍‌ଡ୍ରିଲ କରାଯାଇଥିଲା। ଲାଞ୍ଜିଗଡ଼ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ସନତ ପ୍ରଧାନଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ଅଗ୍ନିଶମ ଦଳ ଓ ବେଦାନ୍ତ ଅଗ୍ନିଶମ ବିଭାଗର ସହାୟକ ଅଗ୍ନିଶମ ଅଧିକାରୀ ଭବାନୀ ଶଙ୍କର ନନ୍ଦଙ୍କ ଦଳର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅଗ୍ନିକ ଦେବରାଜ ସାରକା, ଆଗ୍ନିକ ସୁଧାଂଶୁ ଶେଖର ଦାସ, ଆଗ୍ନିକ ଦୁଶବନ୍ତ ସାହୁ, ଆଗ୍ନିକ ମହିନ୍ଦ୍ର ଭୋଇ, ଆଗ୍ନିକ ମୋନଜ ଦଣ୍ଡିଆ, ହେମନ୍ତ ଭୋଇ, ବ୍ରଜ କିଶୋର ମହାରଣା, ମୁଖ୍ୟ ଗାଡି ଚାଳକ ଅଶୋକ କୁମାର ଘିବେଲା, ଗାଡି ଚାଳକ ଶିବ କିସାନ ପ୍ରମୁଖ ସହଯୋଗ କରିଥିଲେ।



# ଭଡ଼ା ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା : ସ୍ୱାମୀ ଗିରଫ

**କୋକସରା, ୨୨।୪(ସମିସ):** କୋକସରା ଥାନା ଲଡୁଗାଁଗ୍ରାମର ଏକ ଭଡ଼ାଘରୁ ମହିଳା ସୁପ୍ରିତି ଦାସଙ୍କ ମୃତ ଦେହ ଉଦ୍ଧାର ଘଟଣାରେ ସ୍ୱାମୀ ପ୍ରଭାସ କୁମାର ଦାସ(୩୫)ଙ୍କୁ ବୁଧବାର କୋକସରା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।ସୂଚନା ଅନୁସାରେ, ଲଡୁଗାଁଗ୍ରାମର ସୁରଞ୍ଜନ ଦାସଙ୍କ ଦ୍ୱିତୀୟ ଝିଅ ସୁପ୍ରିତି ଦାସ ଓ ଜ୍ୱାଇଁ ନୁଆପଡ଼ା ଜିଲ୍ଲା ସିଙ୍ଗଝର ଗ୍ରାମର ପ୍ରଭାସ କୁମାର ଦାସ ଲଡୁଗାଁରେ ଭଡ଼ା ଘରେ ରହି ଆସୁଥିଲେ। ତେବେ ମଙ୍ଗଳବାର ଦିନ ଘର ଭିତରେ ସୁପ୍ରିତିର ଝୁଲନ୍ତା ମୃତଦେହ ଦେଖି ପ୍ରଭାସ ଉଦ୍ଧାର କରି ଶ୍ୱଶୁର ଘରଲୋକଙ୍କୁ ଖବର ଦେଇଥିଲା। ଏହା ପରେ ଝିଅର ପରିବାର ଲୋକେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିବା ପରେ କୋକସରା ଥାନା ପୁଲିସ ପ୍ରଭାସକୁ ଥାନାରେ କଟକ ରଖି ପଚରାଉଚରା ଜାରି ରଖିଥିଲା। ଏନେଇ କୋକସରା ଥାନାରେ ମାମଲା ରୁଜୁ କରି ପୁଲିସ ବିଭିନ୍ନ ଦିଗକୁ ତଦନ୍ତ କରିବା ପରେ ବୁଧବାର ସ୍ୱାମୀ ପ୍ରଭାସ କୁମାର ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ତଦନ୍ତକାରୀ ଅଫିସର ଡି. ମୋହନ ସୂଚନା ଦେଇଛନ୍ତି।



# ବିଶ୍ୱ ଧରିତ୍ରୀ ଦିବସ ପାଳିତ

**ଭବାନୀପାଟଣା, ୨୨।୪ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଗୁଣପୁର ଠାରେ ବିଶ୍ୱ ଧରିତ୍ରୀ ଦିବସ କଳାହାଣ୍ଡି ଏଜେନସି ଫର ଏନଭାରମେଣ୍ଟ ଏଣ୍ଡ ୱାଇଲଡ (କେଫ୍ୟୁ) ପକ୍ଷରୁ ପାଳିତ ହୋଇଯାଇଛି। ଅନୁଷ୍ଠିତ ଜନ ସଚେତନତା ସଭାରେ ଗୁଣପୁର ଆଞ୍ଚଳିକ ବିକାଶ ପରିଷଦର ସଭାପତି ରଥ ଦୁରିଆ, ଶାସ୍ତ୍ରିଜୀ ଯୁବକ ସଂଘର ସଭାପତି ଗୁଣନିଧି ନାଏକ ଓ ପ୍ରକୃତି ବନ୍ଧୁ ଡୋଳାମଣି ସାହୁ ଉପସ୍ଥିତ ରହି ବିଶ୍ୱ ଧରିତ୍ରୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କେଫ୍ୟୁ ପକ୍ଷରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ଆଦ୍ୟାଶା ସିଂ, ଲିଜା ନାଏକ ଓ ଶିବାନୀ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ କ୍ଷିତି ସାହୁ, ଦଶମୀ ମାଝୀ ଓ ମାମୁନି ମାଝୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଗ୍ରହଣ କରିଥିଲେ। ଗୁଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରକୃତି ବନ୍ଧୁ ଡୋଳାମଣି ସାହୁ ସଭାରେ ସଭାପତିତ୍ୱ କରିଥିବା ବେଳେ ଶାସ୍ତ୍ରିଜୀ ଯୁବକ ସଂଘର ସଭାପତି ଗୁଣନିଧି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ମାନବାଧିକାର ଉଲ୍ଲଙ୍ଘନ ଅଭିଯୋଗ

# କଳାହାଣ୍ଡିରେ ୩ ଆଦିବାସୀଙ୍କୁ ନିର୍ଯାତନା ଘଟଣା

**ଥୁଆମୂଳ ରାମପୁର, ୨୨।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ତେତେଲପଦର ଗ୍ରାମରେ ୩ ଆଦିବାସୀଙ୍କ ଉପରେ ନିର୍ଯାତନା ଘଟଣାକୁ ନେଇ ଓଡ଼ିଶା ମାନବାଧିକାର କମିଶନରେ ଅଭିଯୋଗ ଦାଖଲ ହୋଇଛି। ଅଭିଯୋଗକୁ କମିଶନ ଗ୍ରହଣ କରି ଡାଏରୀ ନମ୍ବର ୨୬୬/ଆଇଏନ/୨୦୨୬ଭାବେ ଫାଇଲ୍ କରିଛି। ଅଭିଯୋଗକାରୀ ଦିଲୀପ କୁମାର ଦାସଙ୍କ ଅନୁସାରେ, ତେତେଲପଦର ଗ୍ରାମର ଗରିବ ଆଦିବାସୀ ପରିବାରମାନେ ବନଜ ଉତ୍ପାଦ ଓ ବନ ଜମି ଉପରେ ନିର୍ଭର କରି ଜୀବିକା ଚଳାଇ ଆସୁଛନ୍ତି। ୨୦୦୬ ମସିହାର ଫରେଷ୍ଟ ରାଇଟ୍‌ସ ଆକ୍ଟ ଅନୁଯାୟୀ, ୨୦୨୫ ଫେବ୍ରୁଆରୀ ମାସରେ ୧୩ଟି ପରିବାରକୁ ବ୍ୟକ୍ତିଗତ ଓ ସାମୂହିକ ବନ ଅଧିକାର ମିଳିଥିଲା। କିନ୍ତୁ ଅଭିଯୋଗ ଅନୁସାରେ ବନ ବିଭାଗର କର୍ମଚାରୀମାନେ ସଦା ଏହି ଆଦିବାସୀଙ୍କୁ ଭୟଭୀତ କରି ମାମଲାର ଧମକ ଦେଇଆସୁଥିଲେ। ଗତ ୧୦ ଏପ୍ରିଲ ୨୦୨୬ ତାରିଖରେ ବୁଦୁ ମାଝୀ (୪୩), ତାଙ୍କ ପୁଅ ସୁଶାନ୍ତ ମାଝୀ (୨୧) ଓ ପଡ଼ୋଶୀ ବାଡ଼ି ମାଝୀ (୫୧)ଚାଷ ପାଇଁ ଜମି ପରିଷ୍କାର କରୁଥିବା ବେଳେ କାର୍ଲାପଟ ରେଞ୍ଜର ବନ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଅଭିଯୋଗ ଅନୁସାରେ, ସେମାନେ ନିଆଁ ଲଗାଇଥିବା ଅଭିଯୋଗରେ ୩ ଜଣଙ୍କୁ ଲାଠି ଓ ଅନ୍ୟାନ୍ୟ ଜିନିଷରେ ପିଟିଥିଲେ। ଏଥିସହିତ ଜାତିଗତ ଅପମାନ ଓ ଅଶ୍ଳୀଳ ଭାଷା ବ୍ୟବହାର କରିଥିବା ଅଭିଯୋଗ ରହିଛି। ପରେ ସେମାନଙ୍କୁ ଭୁଲ ମାମଲାରେ ଫସାଇ ୪୮ ଘଣ୍ଟା ଧରି ହାଜତରେ ରଖାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ହାଜତ ସମୟରେ ଆହତ ହୋଇଥିବା ସତ୍ତ୍ୱେ ସେମାନଙ୍କୁ କୌଣସି ଚିକିତ୍ସା ସୁବିଧା ଦିଆଯାଇନଥିଲା। ୧୨ଏପ୍ରିଲରେ ସେମାନଙ୍କୁ ଆଦାଲତରେ ପ୍ରସ୍ତୁତ କରାଯାଇ ନ୍ୟାୟିକ ହିରାଶତକୁ ପଠାଯାଇଥିଲା। ଜାମିନରେ ମୁକ୍ତି ପାଇବା ପରେ ୩ ଆହତ ବ୍ୟକ୍ତି କାର୍ଲାପଟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ମାନବାଧିକାର ଉଲ୍ଲଙ୍ଘନ ସହିତ ଏସ୍‌ସି/ଏସ୍‌ଟି (ଅତ୍ୟାଚାର ନିବାରଣ) ଆଇନର ମଧ୍ୟ ଉଲ୍ଲଙ୍ଘନ ଭାବେ ଅଭିଯୋଗକାରୀ ଦର୍ଶାଇଛନ୍ତି। କମିଶନ ଏହାକୁ ଗୁରୁତ୍ୱ ସହ ନେଇ ତଦନ୍ତ ଆରମ୍ଭ କରିବାକୁ ଅପେକ୍ଷା କରାଯାଉଛି।

# ଆଜିଠାରୁ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ

**ସିନାପାଲି, ୨୨।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଉଦନ୍ତୀ ନଦୀ କୂଳରେ ନବନିର୍ମିତ ଭବ୍ୟ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ଆଜି ଠାରୁ ଆରମ୍ଭ ହେଉଛି। ପାଞ୍ଚଦିନ ବ୍ୟାପି ହେବାକୁ ଥିବା ପ୍ରତିଷ୍ଠା ଉତ୍ସବ ସମାରୋହ ଲାଗି ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଗୁରୁବାର ବିରାଟ କଳସ ଶୋଭାଯାତ୍ରା ମାଧ୍ୟମରେ ଉତ୍ସବର ଶୁଭାରମ୍ଭ ହେବ। ଏହି ଅବସରରେ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଆଦି ସହ ନୂତନ ମନ୍ଦିରର ଗର୍ଭାଧାନ, ରୁଦ୍ରାଭିଷେକ, ଷୋଡଶଉପଚାର, ଚଣ୍ଡୀପାଠ, ସୂର୍ଯ୍ୟପୂଜା, ବିଗ୍ରହଙ୍କ ନଗର ପରିକ୍ରମା, ଧ୍ୱଜାରୋହଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମନ୍ଦିର କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିବା ବେଳେ ବୈଠକୀ କୀର୍ତ୍ତନ ମୁଖ୍ୟ ଆକର୍ଷଣ ରହିବ। ଲୋକ ତଥ୍ୟ ଅନୁସାରେ ପ୍ରାୟ ୧୯୪୦ ମସିହା ବେଳକୁ ଧର୍ମପ୍ରାଣ ଶିବଭକ୍ତ ଧନୁ ମେହେର ନିଜସ୍ୱ ପ୍ରୟାସରେ ଏଠାକାର ଏକ ଗଛମୂଳରେ ଉଭୟ ସିନାପାଲି ଓ କାପସି ଗ୍ରାମର କିଛି ଭଦ୍ର ବ୍ୟକ୍ତିଙ୍କ ଚେଷ୍ଟାରେ ପୂଜା ପାଇ ଆସୁଥିବା ଶିବ ଭଗବାନଙ୍କ ପାଇଁ ଏକ ଗୁଡ଼ି ତିଆରି କରିଥିଲେ ଯାହା ମହାଦେବଗୁଡ଼ି ଭାବରେ ଅଦ୍ୟବଧି ଏଠିକାର ଲୋକଙ୍କ ବିଶ୍ୱାସର ପ୍ରତୀକ ହୋଇ ରହି ଆସିଥିଲା। ପରେ ଗତ ୨୦୧୬ରେ ସେତେବେଳର ସରପଞ୍ଚ ସତ୍ୟବାନ ମେହେର ଓ ସ୍ଥାନୀୟ କିଛି ଭଦ୍ର ବ୍ୟକ୍ତିଙ୍କ ଉଦ୍ୟମ କ୍ରମେ ସ୍ୱର୍ଗତ ମୋହନ ମେହେରଙ୍କ ପତ୍ନୀ ଯମୁନା ମେହେର ଦାନ ଦେଇଥିବା ଭୂମିରେ ସର୍ବସାଧାରଣଙ୍କ ସହଯୋଗରେ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ପ୍ରୟାସ ଆରମ୍ଭ ହୋଇଥଲା।

# ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କୋକସରା ଗସ୍ତ



**କୋକସରା, ୨୨।୪(ସମିସ):** ଓଡ଼ିଶା, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଲ ମୁକୁନ୍ଦ ଭୁୟାଁ ମଙ୍ଗଳବାର କୋକସରା ବ୍ଲକ ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀଭୁୟାଁ କୋକସରା ପହଞ୍ଚିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ବିଇଓ ମହେଶ କୁମାର ଭାଟି, ଏବିଇଓ ତୋଫାନ ମାଝୀ, ସମସ୍ତ ସିଆରସିସି ଓ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶିକ୍ଷାକୁ ଲୋକାଭିମୁଖୀ କରିବା, ଉଲ୍ଲାସ କାର୍ଯ୍ୟକ୍ରମ, ପୋଷାକ ବିତରଣ, ମଧ୍ୟାହ୍ନ ଭୋଜନ ତଥା ଶିକ୍ଷାର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ପରେ ବ୍ଲକର ଡହଗାଁ ଓ ଲଡୁଗାଁ ପିଏମ୍‌ଶ୍ରୀ ବିଦ୍ୟାଳୟ, ବଙ୍ଗୋମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚିଲିଗୁଡା କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟ, ସରକାରୀ ବିଦ୍ୟାଳୟ, କୋକସରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଉଡୋଲା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ।ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ରିସର୍ଚ୍ଚ ସ୍କୋଲାର ଅବନୀ ମାଝୀ ଉପସ୍ଥିତ ଥିଲେ।

### ରବି ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ପ୍ରସଙ୍ଗ

# ଆନ୍ଦୋଳନକୁ ଓହ୍ଲାଇଲେ ଉଠା ଜଳସେଚନ ଚାଷୀ

**କୋକସରା, ୨୨।୪(ସମିସ)**

ମେଗା ଉଠାଜଳସେଚନ ମାଧ୍ୟମରେ ରବି ଧାନ ଚାଷ କରିଥିବା କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକର ଚାଷୀମାନେ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଚାଷୀ ସମୂହ ବିଭିନ୍ନ ସମୟରେ ଦାବିପତ୍ର ଦେବା ପରେ ବି କୌଣସି ସୁଫଳ ମିଳି ପାରିନାହିଁ। ଯାହାକୁ ନେଇ ବୁଧବାର କୋକସରା ଠାରେ ଅଞ୍ଚଳର ଶହ ଶହ ଚାଷୀଙ୍କ ସମେତ ବିରୋଧୀ ଦଳର ନେତାମାନେ ସାମିଲ ହୋଇ ସରକାର ବିରୋଧରେ ଜୋରଦାର ବର୍ଷିଛନ୍ତି। କୃଷକ ସଚେତନ ମଞ୍ଚ କୋକସରା ପକ୍ଷରୁ ଅଞ୍ଚଳର ଶତାଧିକ ଚାଷୀ ଏକତ୍ରିତ ହେବା ପରେ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ କୋକସରା ଜଗନ୍ନାଥ ମନ୍ଦିର ନିକଟରୁ ବିଶାଳ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସ୍ଥାନୀୟ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ପ୍ରତିବାଦ ସଭା କରାଯାଇଥିଲା। କୃଷକ ସଚେତନ ମଞ୍ଚର ଉପସଭାପତି ମିନକେତନ ପ୍ରଧାନୀ ପ୍ରତିବାଦ ସଭାର ସଭାପତିତ୍ୱ କରିଥିଲେ। ସଭାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ ପ୍ରମୁଖ ସାମିଲ ହୋଇଥିଲେ। ଇନ୍ଦ୍ରାବତୀ ବାମ ଓ ଦକ୍ଷିଣ କେନାଲ ଅଞ୍ଚଳର ଧାନ କ୍ରୟ ପାଇଁ ସରକାର ଅନଲାଇନ ଯୋଗେ ପଞ୍ଜୀକରଣ ବ୍ୟବସ୍ଥା କରିଥିବା ବେଳେ ମେଗା ଉଠାଜଳସେଚନ ଅଞ୍ଚଳର ଚାଷ ପାଇଁ ଡିପିଆରରେ ବ୍ୟବସ୍ଥା ନଥିବା ଆଳରେ ଧାନ ବିକ୍ରୟ ବ୍ୟବସ୍ଥାରୁ ଚାଷୀଙ୍କୁ ବଞ୍ଚିତ କରିଥିବା ଅଭିଯୋଗ କରିବା ସହ ରାଜ୍ୟ ସରକାର ଉପରେ ଜୋରଦାର ବର୍ଷିଥିଲେ। ଆଗକୁ ଚାଷୀଙ୍କ ଧାନ ବିକ୍ରି ପଞ୍ଜୀକରଣ କରା ନଗଲେ ସରକାର ବିରୋଧରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଗୋବର୍ଦ୍ଧନ ବାଗ ପ୍ରମୁଖ ସାମିଲ ହୋଇ ସରକାର ତୁରନ୍ତ ବିଚାର କରି ଧାନ ବିକ୍ରି ପାଇ ପଞ୍ଜୀକରଣ କରନ୍ତୁ ବୋଲି ଦାବି କରିଥିଲେ। ଏହା ପରେ ଚାଷୀମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋକସରା ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ' କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳର ପ୍ରାୟ ୧୫ ହଜାର ଚାଷୀ ୧୮ ହଜାର ୮ ଶହ ୫୫ ହେକ୍ଟର ଜମିରେ ମେଗା ଉଠାଜଳସେଚନ ମାଧ୍ୟମରେ ରବି ଧାନ ଚାଷ କରିଥିବା ସୂଚନା ରହିଛି। ଏହି ସୁବ ଅଞ୍ଚଳରେ ପ୍ରାୟ ୧୩ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେବାର ସମ୍ଭାବନା ରହିଛି। ଚାଷୀ ବ୍ୟାଙ୍କ, ସମବାୟ ଓ ବିଭିନ୍ନ ଲୋକଙ୍କ ଠାରୁ ଧାର କରଜ କରି ଓ ପାଖରେ ଯାହା ସଞ୍ଚୟ ଥିଲା ଚାଷରେ ସବୁ ଖର୍ଚ୍ଚ କରିଦେଇଛନ୍ତି। ବିଲରେ ଧାନ ପାଚି ଅମଳ ଯୋଗ୍ୟ ହେଲାଣି କିନ୍ତୁ ଧାନ ବିକ୍ରି ଲାଗି ପଞ୍ଜୀକରଣ ନ ହେବାରୁ ଚାଷୀକୂଳ ଚିନ୍ତାରେ ପଡ଼ିଯାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୃଷକ ସଚେତନ ମଞ୍ଚର ଉପସଭାପତି ଜୟ ଲାଲ ନାଏକ, ନିଳକଣ୍ଠ ମାଝୀ, ଧନେଶ୍ୱର ପଣ୍ଡା, ସମ୍ପାଦକ ଚିନ୍ତାମଣି ପଟେଲ, ଜିଲ୍ଲା ପରିଷଦ ସଭ୍ୟା ବୈଜୟନ୍ତି ପୁଝାରୀ, ପ୍ରକାଶ ଚୌଧୁରୀ, ନିମାଇଁ ଚରଣ ଧଙ୍ଗଡ଼ାମାଝୀ, ପଞ୍ଚକ ପୋଡ଼, ହରେକୃଷ୍ଣ ନାଏକ, ସୁଶାନ୍ତ ବେହେରା, ବିଶ୍ୱନାଥ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, ତ୍ରିଭୁବନ ନାଏକ, ରାଜେନ୍ଦ୍ର ନାଏକ, ଲଲାଟେନ୍ଦୁ ପ୍ରଧାନୀ ସମେତ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।




# ଘାସିରାମ ମାଝୀଙ୍କ ଶ୍ରାଦ୍ଧ ଦିବସ

**ନୂଆପଡ଼ା, ୨୨।୪(ସମିସ):** ସ୍ଥାନୀୟ ଜିଲ୍ଲା ଓକିଲ ସଂଘ ସଭାଗୃହରେ ଘାସିରାମ ମାଝୀ ସ୍ମୃତି ପରିଷଦର ସଭାପତି ପ୍ରସନ୍ନ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାର ନୂଆପଡ଼ା ଜିଲ୍ଲା ପ୍ରତିଷ୍ଠା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବା ଜନନାୟକ ଘାସିରାମ ମାଝୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଓକିଲ ମୂରଲୀଧର ପଣ୍ଡା, ବରିଷ୍ଠ ନାଗରିକ ସଂଘ ସଭାପତି କ୍ଷୀରୋଦ ନିବାସ ପଣ୍ଡା, ଶ୍ରମିକ ନେତା ଯଦୁମଣୀ ପାଣିଗ୍ରାହୀ, ଏସଡିସି ଅଧ୍ୟକ୍ଷ ହୋମସିଂ ମାଝୀ, ଉପାଧ୍ୟକ୍ଷା ବେଳମତି ମାଝୀ, ଓକିଲ ସଂଘ ଉପସଭାପତି ପ୍ରକାଶଚନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବରେ ଡ.ବାସୁଦେବ ସୁନାନୀ, ରାଜୀବ ସଗରିଆ, କୁମୁଦ କୁମାର ହୋତା, କାମତାପ୍ରସାଦ ଚନ୍ଦ୍ରକାର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାଝୀଙ୍କ ଜୀବନାଦର୍ଶ ଉପରେ ମାର୍ଗଦର୍ଶନ କରିଥିଲେ। ସ୍ୱର୍ଗତ ମାଝୀଙ୍କ ଝିଅ ସରୋଜିନି ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହରର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ନୂଆପଡ଼ା ଏକତା ଛକ ନିକଟରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ସ୍ଥିରୀକୃତ ହୋଇଥିଲା।

